**ରାମ ଚନ୍ଦ୍ର ଶ୍ରୀବାସ୍ତବ**

**ବନାମ**

**ଅଧ୍ୟକ୍ଷ, ଡି. ଡି. ଏ. ଏବଂ ଅନ୍ୟଜଣେ**

**ନଭେମ୍ବର 22, 2006**

**[ଏସ୍. ବି. ସିହ୍ନା ଏବଂ ମାର୍କଣ୍ଡେୟ କାଟଜୁ, ନ୍ୟାୟମୂର୍ତ୍ତିଦ୍ୱୟ]**

*ସମ୍ପତ୍ତି ଆଇନ - ସେବା ଦେୟ ଏବଂ ଭଡ଼ା - ତାହାର ଆଦାୟ - ଆପତ୍ତି କରାଯାଇଛି - ନିମ୍ନ ନ୍ୟାୟାଳୟଗୁଡ଼ିକ ଦ୍ୱାରା ଆଦାୟକୁ ସମର୍ଥନ କରାଯାଇଛି - ଆବେଦନ ପରେ, ଏହା ବିଚାର କରାଯାଇଥିଲା ଯେ: ଆଦାୟ କରାଯାଇଥିବା ଦେୟ ଏବଂ ପ୍ରଦାନ କରାଯାଇଥିବା ସେବାର ମୂଲ୍ୟ ମଧ୍ୟରେ ପାରସ୍ପରିକ ସମ୍ପର୍କ ନିର୍ଦ୍ଧାରଣ କରିବା ସମୟରେ ନିମ୍ନ ନ୍ୟାୟାଳୟଗୁଡ଼ିକ ଦ୍ୱାରା ଏହି ଆଦାୟର ବୈଧତାକୁ ବିଚାର କରାଯିବା ଉଚିତ ଥିଲା - ଜମି ଭଡ଼ା ସମ୍ବନ୍ଧୀୟ ଅଭିଯୋଗ ଉପରେ ମଧ୍ୟ ବିସ୍ତୃତ ଭାବେ ବିଚାର କରାଯିବା ଉଚିତ ଥିଲା - ତେଣୁ, ନୂତନ ଭାବେ ବିଚାର କରିବା ପାଇଁ ମାମଲାଟିକୁ ଉଚ୍ଚ ନ୍ୟାୟାଳୟଙ୍କୁ ପଠାଯାଇଛି - ଟିକସ - ଶୁଳ୍କ।*

ଉତ୍ତରଦାତାଙ୍କ ଦ୍ୱାରା ଆଦାୟ କରାଯାଇଥିବା ସେବା ଦେୟ - କର୍ତ୍ତୃପକ୍ଷ ଏବଂ ଏହା ଦ୍ୱାରା ଲାଗୁ କରାଯାଇଥିବା ଜମି ଭଡ଼ାକୁ ଏକ ଆଜ୍ଞାଦେଶ ଆବେଦନରେ ଆପତ୍ତି କରାଯାଇଥିଲା । ଉଚ୍ଚ ନ୍ୟାୟାଳୟଙ୍କ ଏକକ ନ୍ୟାୟମୂର୍ତ୍ତି ଏହାକୁ ଖାରଜ କରିଦେଇଥିଲେ । ଉଚ୍ଚ ନ୍ୟାୟାଳୟଙ୍କ ଦୁଇଜଣିଆ ନ୍ୟାୟମୂର୍ତ୍ତିଙ୍କ ଖଣ୍ଡପୀଠ ଏହା ବିରୋଧରେ ଦାଖଲ ହୋଇଥିବା ଆଜ୍ଞାଦେଶ ଆବେଦନକୁ ଖାରଜ କରି କହିଥିଲେ ଯେ ଏକକ ନ୍ୟାୟମୂର୍ତ୍ତି ସମ୍ପତ୍ତି ଟିକସର ସେହି ଦିଗକୁ ଅନୁଧ୍ୟାନ କରିଥିଲେ ଯାହାର କର୍ତ୍ତୃପକ୍ଷଙ୍କ ଦ୍ୱାରା ପ୍ରଦାନ କରାଯାଇଥିବା ସେବା ସହିତ କୌଣସି ସମ୍ପର୍କ ନଥିଲା ଏବଂ ଜମି ଭଡ଼ା ବିଷୟରେ, ଏକକ ନ୍ୟାୟମୂର୍ତ୍ତି କର୍ତ୍ତୃପକ୍ଷଙ୍କ ଦ୍ୱାରା ଦିଆଯାଇଥିବା ତଥ୍ୟ ଏବଂ ବ୍ୟାଖ୍ୟାକୁ ବିଚାରକୁ ନେଇଥିଲେ ଏବଂ ହିସାବ ପଦ୍ଧତି ଅବିଜ୍ଞାନସମ୍ମତ ନଥିଲା ବୋଲି ଜଣାପଡ଼ିଲା । ସେଥିପାଇଁ ବର୍ତ୍ତମାନର ଆବେଦନ ।

ଆବେଦନକୁ ଅନୁମତି ଦେଇ ଏବଂ ଏହାକୁ ନୂତନ ଭାବେ ବିଚାର କରିବା ପାଇଁ ଉଚ୍ଚ ନ୍ୟାୟାଳୟଙ୍କୁ ପଠାଇ, ନ୍ୟାୟାଳୟ ବିଚାର କରିଥିଲେ ଯେ:

ଆକ୍ଷେପିତ ରାୟ ହେଉଛି ଏକ ରହସ୍ୟମୟ ରାୟ, ଏବଂ ବିବାଦରେ ଥିବା ପ୍ରସଙ୍ଗକୁ ଏହା ଦ୍ୱାରା ସଠିକ୍ ଭାବେ ବିଚାର କରାଯାଇନାହିଁ । ସେବା ଦେୟ ଏକ ଶୁଳ୍କ, ଟିକସ ନୁହେଁ ଏବଂ

**ସେଥିପାଇଁ ଡି. ଡି. ଏ. ଦ୍ୱାରା ଆଦାୟ କରାଯାଇଥିବା ମୋଟ ସେବା ଦେୟ ଏବଂ ନାଗରିକମାନଙ୍କୁ ପ୍ରଦାନ କରାଯାଇଥିବା ସେବାର ମୂଲ୍ୟ ମଧ୍ୟରେ ଏକ ସ୍ୱଷ୍ଟ ସମ୍ପର୍କ (ଯଦିଓ ସିଧାସଳଖ ସମ୍ପର୍କ ନୁହେଁ) ରହିବା ଉଚିତ୍ - ବିଶେଷ କରି, ଏହି ତଥ୍ୟକୁ ବିଚାର କରି ଦୁଇଜଣିଆ ନ୍ୟାୟମୂର୍ତ୍ତିଙ୍କ ଖଣ୍ଡପୀଠ ସତର୍କତାର ସହ ଏହା ବିଚାର କରିବାର ଥିଲା ଯେ ଡି. ଡି. ଏ. ଦ୍ୱାରା ଆଦାୟ କରାଯାଇଥିବା ସେବା ଦେୟ ବୈଧ ଥିଲା କି ନାହିଁ । ଜମି ଭଡ଼ା ସଂକ୍ରାନ୍ତରେ ଆବେଦନକାରୀଙ୍କ ଅଭିଯୋଗ ଉପରେ ମଧ ଦୁଇଜଣିଆ ନ୍ୟାୟମୂର୍ତ୍ତିଙ୍କ ଖଣ୍ଡପୀଠ ବିସ୍ତୃତ ଭାବେ ବିଚାର କରିବା ଉଚିତ ଥିଲା ।**

ଦେୱାନୀ ଆବେଦନ ଅଧିକାରିତା: ଦେୱାନୀ ଆବେଦନ ସଂଖ୍ୟା 5146/2006 ।

ଦେୱାନୀ ଆଜ୍ଞାଦେଶ ଆବେଦନ ସଂଖ୍ୟା 62/2004 ର ଅଧିକାର ପତ୍ର ଆବେଦନ ସଂଖ୍ୟା 1045/2004 ରେ ନୂଆଦିଲ୍ଲୀସ୍ଥିତ ଦିଲ୍ଲୀ ଉଚ୍ଚ ନ୍ୟାୟାଳୟଙ୍କ 11-2-2005 ତାରିଖର ଚୂଡ଼ାନ୍ତ ରାୟ ଏବଂ ଆଦେଶରୁ ଆବେଦନ ।

ରାମ ଚନ୍ଦ୍ର ଶ୍ରୀବାସ୍ତବ, ଆବେଦନକାରୀ-ବ୍ୟକ୍ତିଗତ ଭାବେ ।

ଉତ୍ତରଦାତାମାନଙ୍କ ତରଫରୁ ଭିଷ୍ଣୁ ବି. ସାହାର୍ୟା (ସାହାର୍ୟା ଏବଂ କମ୍ପାନୀ ପାଇଁ), ସଞ୍ଜୟ ସେନ୍ ଏବଂ ପ୍ରବୀଣ ସ୍ୱରୂପ ।

ନ୍ୟାୟାଳୟଙ୍କ ରାୟ **ନ୍ୟାୟମୂର୍ତ୍ତି ମାର୍କଣ୍ଡେୟ କାଟଜୁଙ୍କ** ଦ୍ୱାରା ଦିଆଯାଇଥିଲା । ଅନୁମତି ପ୍ରଦାନ କରାଗଲା ।

ଦେୱାନୀ ଆଜ୍ଞାଦେଶ ଆବେଦନ ସଂଖ୍ୟା 62/2004 ର ଅଧିକାର ପତ୍ର ଆବେଦନ ସଂଖ୍ୟା 1045/2004 ରେ ଦିଲ୍ଲୀ ଉଚ୍ଚ ନ୍ୟାୟାଳୟଙ୍କ ଦୁଇଜଣିଆ ନ୍ୟାୟମୂର୍ତ୍ତିଙ୍କ ଖଣ୍ଡପୀଠଙ୍କ 11.2.2005 ତାରିଖର ଆକ୍ଷେପିତ ରାୟ ଏବଂ ଆଦେଶ ବିରୁଦ୍ଧରେ ଏହି ଆବେଦନ ଦାୟର କରାଯାଇଛି ।

ବ୍ୟକ୍ତିଗତ ଭାବେ ଥିବା ଆବେଦନକାରୀଙ୍କୁ ଏବଂ ଡି. ଡି. ଏ. ତରଫରୁ ବିଜ୍ଞ ଓକିଲ ଶ୍ରୀ ଭି. ବି. ସାହାର୍ୟାଙ୍କୁ ଆମ୍ଭେ ଶୁଣିଲୁ ।

ଏହି ଆକ୍ଷେପିତ ରାୟରେ ନିମ୍ନମତେ କୁହାଯାଇଛି:

> "ଆଜ୍ଞାଦେଶ ଆବେଦନ (ଦେୱାନୀ) ସଂଖ୍ୟା 62/2004 ରେ ବିଜ୍ଞ ଏକକ ନ୍ୟାୟମୂର୍ତ୍ତିଙ୍କ ଦ୍ୱାରା 28.9.2004 ତାରିଖରେ ଦିଆଯାଇଥିବା ଆଦେଶ ବିରୁଦ୍ଧରେ ଏହି ଆବେଦନ କରାଯାଇଛି । ବିଜ୍ଞ ଏକକ ନ୍ୟାୟମୂର୍ତ୍ତି ସମ୍ପତ୍ତି ଟିକସର ସେହି ଦିଗକୁ ଅନୁଧ୍ୟାନ କରିଛନ୍ତି ଯାହାର ଦିଲ୍ଲୀ ବିକାଶ କର୍ତ୍ତୃପକ୍ଷଙ୍କ ଦ୍ୱାରା ପ୍ରଦାନ କରାଯାଇଥିବା ସେବା ସହିତ କୌଣସି ସମ୍ପର୍କ ନାହିଁ । ଜମି ଭଡ଼ା ସଂକ୍ରାନ୍ତରେ, ବିଜ୍ଞ ଏକକ ନ୍ୟାୟମୂର୍ତ୍ତି ଉତ୍ତରଦାତାମାନଙ୍କ ଦ୍ୱାରା ଦିଆଯାଇଥିବା ତଥ୍ୟ ଏବଂ ବ୍ୟାଖ୍ୟାକୁ ବିଚାରକୁ ନେଇଛନ୍ତି ଏବଂ ହିସାବ ପଦ୍ଧତି ଅବିଜ୍ଞାନସମ୍ମତ ନଥିଲା ବୋଲି ଜଣାପଡ଼ିଲା । ଏହି ପ୍ରସଙ୍ଗର ଏହି ଦୃଷ୍ଟିକୋଣରେ, ଆମ୍ଭେ ହସ୍ତକ୍ଷେପ କରିବାକୁ ଚାହୁଁନାହୁଁ । ସେଥିପାଇଁ ଆବେଦନ ଖାରଜ ହୋଇଛି" ।

ଆମ୍ଭ ମତରେ, ଆକ୍ଷେପିତ ରାୟଟି ଏକ ରହସ୍ୟମୟ ରାୟ ଅଟେ, ଏବଂ ଦୁଇଜଣିଆ ନ୍ୟାୟମୂର୍ତ୍ତିଙ୍କ ଖଣ୍ଡପୀଠଙ୍କୁ ଉପଯୁକ୍ତ ସମ୍ମାନ ଦେଇ, ଆମ୍ଭେ ଅନୁଭବ କରୁଛୁ ଯେ ବିବାଦରେ ଥିବା ପ୍ରସଙ୍ଗକୁ ଏହା ଦ୍ୱାରା ସଠିକ୍ ଭାବରେ ବିଚାର କରାଯାଇ ନାହିଁ । ସେବା ଦେୟ ଏକ ଶୁଳ୍କ, ଟିକସ ନୁହେଁ ଏବଂ ସେଥିପାଇଁ ଡି. ଡି. ଏ. ଦ୍ୱାରା ଆଦାୟ କରାଯାଇଥିବା ମୋଟ ସେବା ଦେୟ ଏବଂ ନାଗରିକମାନଙ୍କୁ ପ୍ରଦାନ କରାଯାଇଥିବା ସେବାର ମୂଲ୍ୟ ମଧ୍ୟରେ ଏକ ସ୍ୱଷ୍ଟ ସମ୍ପର୍କ (ଯଦିଓ ସିଧାସଳଖ ସମ୍ପର୍କ ନୁହେଁ) ରହିବା ଉଚିତ୍ - ବିଶେଷ କରି, ଏହି ତଥ୍ୟକୁ ବିଚାର କରି ଦୁଇଜଣିଆ ନ୍ୟାୟମୂର୍ତ୍ତିଙ୍କ ଖଣ୍ଡପୀଠ ସତର୍କତାର ସହ ଏହା ବିଚାର କରିବାର ଥିଲା ଯେ ଡି. ଡି. ଏ. ଦ୍ୱାରା ଆଦାୟ କରାଯାଇଥିବା ସେବା ଦେୟ ବୈଧ ଥିଲା କି ନାହିଁ ।

ଜମି ଭଡ଼ା ସଂକ୍ରାନ୍ତରେ ଆବେଦନକାରୀଙ୍କ ଅଭିଯୋଗ ଉପରେ ମଧ୍ୟ ଦୁଇଜଣିଆ ନ୍ୟାୟମୂର୍ତ୍ତିଙ୍କ ଖଣ୍ଡପୀଠ ବିସ୍ତୃତ ଭାବେ ବିଚାର କରିବା ଉଚିତ ଥିଲା ।

ଏହି ମାମଲାର ସେହି ଦୃଷ୍ଟିକୋଣରୁ, 11.2.2005 ତାରିଖର ଆକ୍ଷେପିତ ରାୟକୁ ରଦ୍ଦ କରି ଦିଆଯାଇଛି ଏବଂ ଆଇନ ଅନୁଯାୟୀ ପକ୍ଷମାନଙ୍କୁ ଶୁଣିବା ପରେ ଏକ ନୂତନ ନିର୍ଣ୍ଣୟ ଦେବା ପାଇଁ ଏହି ମାମଲାକୁ ଦୁଇଜଣିଆ ନ୍ୟାୟମୂର୍ତ୍ତିଙ୍କ ଖଣ୍ଡପୀଠଙ୍କୁ ପଠାଯାଇଛି । ଏହି ପ୍ରସଙ୍ଗରେ ପଦକ୍ଷେପ ନେଇ ଏବଂ ଆବେଦନକାରୀଙ୍କ ଯୁକ୍ତିଗୁଡ଼ିକୁ ସମାଧାନ କରି ଏକ ଅଧିକ ବିସ୍ତୃତ ରାୟ ଦେବା ପାଇଁ ଖଣ୍ଡପୀଠଙ୍କୁ ଅନୁରୋଧ କରାଯାଇଛି ।

ଆବେଦନକୁ ଅନୁମତି ଦିଆଯାଇଛି । କୌଣସି ଖର୍ଚ୍ଚ ନାହିଁ ।

କେ. କେ. ଟି.                                                          ଆବେଦନକୁ ଅନୁମତି ଦିଆଗଲା ।

**ଅସ୍ୱୀକରଣ**

"ଉପଭାଷାରେ ଅନୁବାଦିତ ରାୟ କେବଳ ମକଦ୍ଦମାରେ ପକ୍ଷଭୁକ୍ତ ବ୍ୟକ୍ତିଙ୍କର ସୀମିତ ବ୍ୟବହାର ଏବଂ ତାଙ୍କ ଆଞ୍ଚଳିକ ଭାଷାରେ ବୋଧଗମ୍ୟ ହେବା ନିମନ୍ତେ ଉଦ୍ଦିଷ୍ଟ ଏବଂ ଅନ୍ୟ କୌଣସି ଉଦ୍ଦେଶ୍ୟ ନିମନ୍ତେ ଏହା ବ୍ୟବହାର କରାଯାଇନପାରେ । ସମସ୍ତ ବ୍ୟବହାରିକ ଏବଂ ସରକାରୀ ଉଦ୍ଦେଶ୍ୟ ନିମନ୍ତେ ରାୟର ଇଂରାଜୀ ସଂସ୍କରଣଟି ପ୍ରାମାଣିକ ବିବେଚିତ ହେବ ଏବଂ ସମସ୍ତ କାର୍ଯ୍ୟାନ୍ୱୟନ ଏବଂ ନିଷ୍ପାଦନ ନିମନ୍ତେ ଏହା ଉପଯୁକ୍ତ ବିବେଚିତ ହେବ" ।

***ଭାଷାନ୍ତର :***

ଅମରେଶ୍ୱର ମିଶ୍ର, ଅନୁବାଦକ,
ଓଡ଼ିଶା ଉଚ୍ଚ ନ୍ୟାୟାଳୟ, କଟକ ।